# ଝାରସୁଗୁଡ଼ାରୁ ଉଡ଼ିଲା ମୁମ୍ବାଇ, ବେଙ୍ଗାଲୁରୁ




## ■ ମନ୍ତ୍ରୀ, ସାଂସଦ, ବିଧାୟକ କଲେ ଉଦ୍‌ଘାଟନ
## ■ ଆଗାମୀ ଦିନରେ ହେବ ଆର୍ନ୍ତଜାତୀୟ ବିମାନ ବନ୍ଦର

**ଝାରସୁଗୁଡ଼ା,୧୨।୧/ଏନ୍‌ଏନ୍‌ଏସ୍‌:**

ପ୍ରତୀକ୍ଷାର ଅନ୍ତଘଟିଛି । ମଙ୍ଗଳବାର ଝାରସୁଗୁଡ଼ାରୁ ମୁମ୍ବାଇ ଓ ବେଙ୍ଗାଲୁରକୁ ବିମାନ ସେବା ଆରମ୍ଭ ହୋଇଛି । ଝାରସୁଗୁଡା ବିମାନ ବନ୍ଦରସହ ପ୍ରଥମଥର ମୁମ୍ବାଇ ଓ ବେଙ୍ଗାଲୁରୁ ସିଧାସଳଖ ଯୋଡ଼ିହୋଇଛି । ଫଳରେ ଏହି ଦିନକୁ ସ୍ମରଣୀୟ କରିବା ପାଇଁ ବିମାନ ବନ୍ଦର କର୍ତ୍ତୃପକ୍ଷ ଦୀପ ପ୍ରଜ୍ୱଳନ ସହ କେକ୍ କାଟି ଖୁସିବ୍ୟକ୍ତ କରିଛନ୍ତି । ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ବରଗଡ଼ ସାଂସଦ ସୁରେଶ ପୂଜାରି, ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ସମ୍ବଲପୁର ସାଂସଦ ନିତିଶ ଗଙ୍ଗଦେବ, ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ତଳସରା ବିଧାୟକ ଭବାନୀ ଭୋଇ, ଝାରସୁଗୁଡା ଜିଲ୍ଲାପାଳ ସରୋଜ କୁମାର ସାମଲ, ଝାରସୁଗୁଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିକାଶଚନ୍ଦ୍ର ଦାସ, ବିମାନ ବନ୍ଦର ନିର୍ଦ୍ଦେଶକ କିଶୋର ସେନାପତି ଓ ସ୍ଥାନୀୟ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ବିମାନ ବନ୍ଦରର ଉନ୍ନତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି । ଝାରସୁଗୁଡା ବିମାନ ବନ୍ଦରକୁ ଉଡାନ ସ୍କିମ୍‌ରେ କେନ୍ଦ୍ର ସରକାର ୧୦୦ କୋଟି ଟଙ୍କା ପ୍ରଦାନ କରିଥିବାବେଳେ ରାଜ୍ୟ ସରକାର ୧୦୦ କୋଟିରୁ ଊର୍ଦ୍ଧ୍ୱଟଙ୍କାର ଜମି ଯୋଗାଇ ଦେଉଛନ୍ତି । ▶▶ ୭